# ଲାଲଗଡ଼ ପାଇଁ ଲାଲ୍‌ବାହିନୀ ସଜବାଜ



- ୩ ଭାଗରେ ବିଭକ୍ତ ନକ୍ସଲବାହିନୀ
- ନିର୍ବାଚନ ସମୟରେ ଅଘଟଣ ଆଶଙ୍କା
- ୧୫ ହଜାର କେନ୍ଦ୍ରୀୟ ଯବାନ ନିୟୋଜିତ
- କେନ୍ଦ୍ରୀୟ ବଳ ମାଗିଲା ଜିଲ୍ଲା ପ୍ରଶାସନ

ରାୟଗଡ଼ା, ୧୪।୩/ଏନ୍‌ଏନ୍‌ଏସ୍:

ଦୀର୍ଘଦିନର ନିରବତା ପରେ ଧିରେ ଧିରେ ରାୟଗଡ଼ା ଜିଲ୍ଲାରେ ମାଓବାଦୀ ନିଜ ସ୍ଥିତି ଜାହିର କରିବାରେ ଲାଗିଲେଣି। ଗତ କିଛିଦିନ ତଳେ ମାଓ ସଂଗଠନର କେନ୍ଦ୍ରୀୟ କମିଟି ପୁର୍ନଗଠନ ପରେ ଏବେ ତୃଣମୂଳ ସ୍ତରରେ ସଂଗଠନକୁ ମଜଭୁତ ପାଇଁ ଆରମ୍ଭ ହୋଇଛି କାର୍ଯ୍ୟ ଖସଡ଼ା। ସାଧାରଣ ଲୋକଙ୍କ ଆସ୍ଥା ଭାଜନ ହେବା ସାଙ୍ଗକୁ ଗରିଲା ଯୁଦ୍ଧର ତରିକା ପରିବର୍ତ୍ତନ କରି ଅଧିକରୁ ଅଧିକ ସୁରକ୍ଷା ବଳକୁ କ୍ଷତି ପହଞ୍ଚାଇବା ପାଇଁ ଯୋଜନା ପ୍ରସ୍ତୁତି କରିଛି ଲାଲବାହିନୀ। ସେପଟେ ନକ୍ସଲଙ୍କ ପ୍ରଭାବକୁ ପ୍ରତିହତ କରିବାପାଇଁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ୮ଟି ବାଟାଲିୟନ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍), ୨ଟି ବାଟାଲିୟନ କେନ୍ଦ୍ରୀୟ ସୁରକ୍ଷା ବଳ (ସିଆରପିଏଫ୍), ଗୋଟିଏ ବାଟାଲିୟନ କୋବ୍ରା ବାହିନୀକୁ ସଜାଗ ରଖାଯାଇଛି। ସେହିଭଳି ପ୍ରତ୍ୟେକ ଜିଲ୍ଲାରେ ଅଛନ୍ତି ନିଜସ୍ୱ ଆର୍ମ ଫୋର୍ସ ସାଙ୍ଗକୁ ଗ୍ରେହାଉଣ୍ଡ, ଡିଭିଏଫ, ଏସ୍‌ଓଜି। ଯଦି ହିସାବକୁ ନିଆଯାଏ ତେବେ ଅବିଭକ୍ତ କୋରାପୁଟରେ ନକ୍ସଲ ଦମନ ପାଇଁ ରାଜ୍ୟ ସରକାରଙ୍କ ସୁରକ୍ଷା ଯବାନଙ୍କୁ ମିଶାଇ ପ୍ରାୟ ୧୫ ହଜାର କେନ୍ଦ୍ରୀୟ ଯବାନ ନିୟୋଜିତ ହୋଇଛନ୍ତି। ସେପଟେ ନକ୍ସଲ ଗତିବିଧି ଏବଂ କାର୍ଯ୍ୟକଳାପକୁ ପ୍ରତିହତ ପାଇଁ ଅଣ୍ଟା ଭିଡ଼ିଛି ଆଣ୍ଟି ନକ୍ସଲ ପିପୁଲ ପିସ୍ ଫୋର୍ସ। ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଏବଂ କନ୍ଧମାଳ ଭଳି ମାଓ ଉପଦ୍ରୁତ ୫ ଟି ଜିଲ୍ଲାରେ ୬୦୦ ଯୁବକଙ୍କୁ ନେଇ ଗଠନ କରୁଛି ଏଏନପିପି ସେନା। ଏମାନଙ୍କୁ ମଧ୍ୟ ଗରିଲା ଟ୍ରେନିଙ୍ଗ ଦିଆଯାଇ ନକ୍ସଲଙ୍କ ସହିତ ସମ୍ମୁଖ ଯୁଦ୍ଧ କରିବାର ତାଲିମ ଦିଆଯାଉଛି।

ସେହିଭଳି ମାଓ ସଙ୍ଗଠନକୁ ତିନିଭାଗରେ ବିଭକ୍ତ କରାଯାଇଛି। ପ୍ରଥମ ସଶସ୍ତ୍ର ଗରିଲା ବାହିନୀ, ଦ୍ୱିତୀୟରେ ଜନନାଟ୍ୟ ଦଳ ଏବଂ ତୃତୀୟରେ ରହିଛନ୍ତି ସମର୍ଥକ ବା ମିଲିସିଆ। ସଂଗଠନ କ୍ଷେତ୍ରରେ ଜନନାଟ୍ୟ

▶▶ ୭

ନିତିଦିନ NITIDIN
Fri, Mar 15, 2019
http://odishanewsnitidin.com